The Sambad, Dt: 04-04-2017

ପ୍ରକାଶ ପାଇଲା ଦେଶର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ତାଲିକା

# ‘ଶ୍ରେଷ୍ଠ ୧୦୦’ରେ ଓଡ଼ିଶାରୁ ୪

## ସୋଆ, ନିଟ୍, ଆଇଆଇଟି, କିଟ୍
## ‘ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ’ ତାଲିକାରେ ସୋଆ, କିଟ୍
## ଇଞ୍ଜିନିୟରିଂରେ ୪, ମ୍ୟାନେଜ୍‌ମେଣ୍ଟରେ ୨ କଲେଜ ଶ୍ରେଷ୍ଠ ତାଲିକାରେ

ଭୁବନେଶ୍ୱର,୩/୪(ଇମିସ): କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରଣାଳୟର ‘ନ୍ୟାସନାଲ ଇନଷ୍ଟିଚ୍ୟୁସନାଲ ର୍‍ୟାଙ୍କିଙ୍ଗ୍ ଫ୍ରେମୱାର୍କ (ଏନ୍‌ଆଇଆର୍‌ଏଫ୍) ପକ୍ଷରୁ ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନକୁ ନେଇ ହୋଇଥିବା ସର୍ଭେର ବାର୍ଷିକ ର୍‍ୟାଙ୍କିଙ୍ଗ୍ ତାଲିକା ଆଜି ପ୍ରକାଶ ପାଇଛି। ମୋଟ୍ ୬ଟି ବିଭାଗରେ ଏହି ତାଲିକା ପ୍ରସ୍ତୁତ କରାଯାଇଛି। ସାମଗ୍ରିକ ସଫଳତାକୁ ନେଇ କରାଯାଇଥିବା ‘ଶ୍ରେଷ୍ଠ ଶହେ’ ଶିକ୍ଷାନୁଷ୍ଠାନ ତାଲିକାରେ ଓଡ଼ିଶାରୁ ଚାରିଟି ଶିକ୍ଷାନୁଷ୍ଠାନ ସ୍ଥାନ ପାଇଛନ୍ତି। ସେହିପରି ‘ଶହେ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ’ ତାଲିକାରେ ଓଡ଼ିଶାରୁ ଦୁଇଟି ଘରୋଇ ବିଶ୍ୱବିଦ୍ୟାଳୟ ସ୍ଥାନ ପାଇଛନ୍ତି। ଇଞ୍ଜିନିୟରିଂ ବିଭାଗରେ ରାଜ୍ୟର ଚାରିଟି କଲେଜ ଥିଲା ବେଳେ ମ୍ୟାନେଜ୍‌ମେଣ୍ଟ ବିଭାଗରେ ଦୁଇଟି କଲେଜ ରହିଛନ୍ତି। କିନ୍ତୁ ସାଧାରଣ କଲେଜ ଓ ଫାର୍ମାସି ବିଭାଗରେ ର୍‍ୟାଙ୍କିଙ୍ଗ୍ କରାଯାଇଥିଲେ ବି ଓଡ଼ିଶାରୁ କୌଣସି ଅନୁଷ୍ଠାନ ଏଥିରେ ସ୍ଥାନ ପାଇନାହାନ୍ତି। ତେବେ ୬ଟି ଯାକ ବିଭାଗରେ ରାଜ୍ୟର କୌଣସି ସରକାରୀ ଅନୁଷ୍ଠାନ ସ୍ଥାନ ପାଇବାରେ ସକ୍ଷମ ହୋଇନାହାନ୍ତି।

‘ଶ୍ରେଷ୍ଠ ଶହେ’ ଶିକ୍ଷାନୁଷ୍ଠାନ ତାଲିକାରେ ଶିକ୍ଷା ଓ ଅନୁସନ୍ଧାନ(ସୋଆ) ବିଶ୍ୱବିଦ୍ୟାଳୟ ୪୬.୭୨ ମାର୍କ ରଖି ଦେଶରେ ୩୩ ତମ ସ୍ଥାନରେ ଥିଲା ବେଳେ ରାଜ୍ୟରେ ଏକ ନମ୍ବର ସ୍ଥାନ ହାସଲ କରିଛି। ନିଟ୍, ରାଉରକେଲା ୪୪.୦୨ ମାର୍କ ରଖି ଦେଶରେ ୪୬ତମ ସ୍ଥାନ ଓ ରାଜ୍ୟରେ ଦୁଇ ନମ୍ବର ସ୍ଥାନ ନେଇଛି। ଆଇଆଇଟି ଭୁବନେଶ୍ୱର ୪୧.୭୫ ମାର୍କ ରଖି ଦେଶରେ ୬୬ତମ ସ୍ଥାନ ଓ ରାଜ୍ୟରେ ତୃତୀୟ ସ୍ଥାନରେ ରହିଛି। କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି(କିଟ୍) ୪୦.୪୭ ମାର୍କ ରଖି ଦେଶରେ ୭୯ତମ ସ୍ଥାନରେ ଥିଲା ବେଳେ ରାଜ୍ୟରେ ଚତୁର୍ଥ ସ୍ଥାନ ହାସଲ କରିଛି। ଗତ ବର୍ଷ ସୋଆ ୧୬ ନମ୍ବର ସ୍ଥାନରେ ଥିଲା ବେଳେ କିଟ୍ ୫୩ ନମ୍ବର ସ୍ଥାନରେ ରହିଥିଲା। ନିଟ୍ ଓ ଆଇଆଇଟି ଚଳିତ ବର୍ଷ ପ୍ରଥମ କରି ଏହି ତାଲିକାକୁ ଆସିଛନ୍ତି। ଚଳିତ ବର୍ଷ ‘ଶ୍ରେଷ୍ଠ ଶହେ’ରେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ, ବେଙ୍ଗାଲୁର ମୋଟ୍ ୧୦୦ ମାର୍କରୁ ୮୩.୨୮ ମାର୍କ ରଖି ପ୍ରଥମ ସ୍ଥାନରେ ଥିଲା ବେଳେ ଦ୍ୱିତୀୟ ସ୍ଥାନରେ ଆଇଆଇଟି ମାଡ୍ରାସ, ତୃତୀୟ ସ୍ଥାନରେ ଆଇଆଇଟି ବମ୍ବେ ରହିଛି। ଶ୍ରେଷ୍ଠ ୧୦ ତାଲିକାରେ ୭ଟି ଆଇଆଇଟି ସ୍ଥାନ ପାଇଛନ୍ତି।

କେବଳ ବିଶ୍ୱବିଦ୍ୟାଳୟକୁ ନେଇ ପ୍ରସ୍ତୁତ କରାଯାଇଥିବା ‘ଶ୍ରେଷ୍ଠ ଶହେ ବିଶ୍ୱବିଦ୍ୟାଳୟ’ ତାଲିକାରେ ଓଡ଼ିଶାରୁ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ୪୬.୭୨ ମାର୍କ ରଖି ୨୦ତମ ସ୍ଥାନରେ ଥିବାବେଳେ କିଟ୍ ବିଶ୍ୱବିଦ୍ୟାଳୟ ୪୦.୪୭ମାର୍କ ରଖି ୪୯ତମ ସ୍ଥାନରେ ରହିଛି। ଏହି ବିଭାଗରେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ, ବେଙ୍ଗାଲୁର ୮୩.୨୮ ମାର୍କ ରଖି ପ୍ରଥମ ସ୍ଥାନରେ ରହିଛି। ଦ୍ୱିତୀୟ ସ୍ଥାନରେ ଜେଏନ୍‌ୟୁ, ନୂଆଦିଲ୍ଲୀ ଏବଂ ତୃତୀୟ ସ୍ଥାନରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ରହିଛି।

ଇଞ୍ଜିନିୟରିଂ ବିଭାଗରେ ଓଡ଼ିଶାରୁ ଚାରିଟି ଶିକ୍ଷାନୁଷ୍ଠାନ ସ୍ଥାନ ପାଇଛନ୍ତି। ଏନ୍‌ଆଇଟି ରାଉରକେଲା ୫୮.୭୮ ମାର୍କ ରଖି ଦ୍ୱାଦଶ ସ୍ଥାନରେ ଥିବାବେଳେ ଆଇଆଇଟି ଭୁବନେଶ୍ୱର ୫୪.୩୨ ମାର୍କ ରଖି ଅଷ୍ଟାଦଶ, କିଟ୍ ୪୩.୬୮ ମାର୍କ ରଖି ୪୭ତମ ଓ ସିଭି ରମଣ କଲେଜ ଅଫ୍ ଇଞ୍ଜିନିୟରିଂ ୩୬.୮୨ ମାର୍କ ରଖି ୯୨ତମ ସ୍ଥାନରେ ଅଛି। ଏହି ବିଭାଗରେ ଆଇଆଇଟି ମାଡ୍ରାସ ୮୭.୯୬ମାର୍କ ରଖି ପ୍ରଥମ ସ୍ଥାନରେ ରହିଛି। ଆଇଆଇଟି ବମ୍ବେ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଆଇଆଇଟି ଖଡ଼ଗପୁର ତୃତୀୟ ସ୍ଥାନରେ ରହିଛି।

ମ୍ୟାନେଜମେଣ୍ଟ ବିଭାଗରେ ଓଡ଼ିଶାରୁ ଦୁଇଟି ଶିକ୍ଷାନୁଷ୍ଠାନ ଶ୍ରେଷ୍ଠ ତାଲିକାକୁ ଆସିଛନ୍ତି। କିଟ୍ ୫୦.୪୩ମାର୍କ ରଖି ୨୨ତମ ସ୍ଥାନରେ ଥିବାବେଳେ ଜାଭିୟର ବିଶ୍ୱବିଦ୍ୟାଳୟ ୪୪.୮୫ ମାର୍କ ରଖି ୩୩ତମ ସ୍ଥାନରେ ରହିଛି। ଏହି ଶ୍ରେଣୀରେ ଆଇଆଇଏମ୍ ଅହମ୍ମଦାବାଦ ୭୮.୯୬ ମାର୍କ ରଖି ପ୍ରଥମ ସ୍ଥାନରେ ଥିବାବେଳେ ଆଇଆଇଏମ୍ ବେଙ୍ଗାଲୁର ଦ୍ୱିତୀୟ ଓ ଆଇଆଇଏମ୍ କୋଲକତା ତୃତୀୟ ସ୍ଥାନରେ ଅଛନ୍ତି।

ସୂଚନାଯୋଗ୍ୟ ଯେ, ଏନ୍‌ଆଇଆର୍‌ଏଫ୍ ପକ୍ଷରୁ ହୋଇଥିବା ଏହି ସର୍ଭେରେ ୨,୭୩୫ଟି ଶିକ୍ଷାନୁଷ୍ଠାନ ଭାଗ ନେଇଥିଲେ। ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ‘ଟିଚିଂ, ଲର୍ନିଂ ଆଣ୍ଡ୍ ରିସୋର୍ସ’, ‘ରିସର୍ଚ୍ଚ ଆଣ୍ଡ୍ ପ୍ରଫେସନାଲ୍ ପ୍ରାକ୍ଟିସେସ୍’, ‘ଗ୍ରାଜୁଏସନ୍ ଆଉଟ୍‌କମ୍’, ‘ଆଉଟ୍‌ରିଚ୍ ଆଣ୍ଡ୍ ଇନ୍‌କ୍ଲୁସିଭିଟି’ ଏବଂ ‘ପର୍‌ସେପ୍‌ସନ୍’ ଆଦିକୁ ନେଇ ମାର୍କିଂ କରାଯାଇଥିଲା। ଶିକ୍ଷାନୁଷ୍ଠାନଗୁଡ଼ିକ ନଭେମ୍ବର ୩୦ ତାରିଖ ସୁଦ୍ଧା ଆବେଦନ କରିଥିଲେ। ସର୍ଭେ ପରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ ଜାଭେଡ୍‌କର ଆଜି ନୂଆଦିଲ୍ଲୀରେ ଏହି ତାଲିକା ଘୋଷଣା କରିଛନ୍ତି।